## ୨୨ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ମୋହନା,(ମନ୍ମଥ ମିଶ୍ର)-ମୋହନା ପୋଲିସ ଅଠରନଳା ବ୍ରିଜ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍‌ରୁ ୨୨ କିଲୋ ଗଞ୍ଜେଇ ଜବତ କରିଛି। ବାଇକ୍ (ନଂ ଓଡି ୦୫ ଡି ୦୦୨୪)ରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ରାକେଶପଙ୍କା ଗ୍ରାମର ବିକୀ ନାୟକ ଓ ଜାଗରସିଂ ଗ୍ରାମର ବାଜି ଗମାଙ୍ଗଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ.୨୦୭/୨୩ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ବୋମାମାଡ଼ ଘଟଣାରେ ୩ ଗିରଫ

ଚିକିଟି,୯।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଝଗଡା ଗ୍ରାମରେ ଗତ ବୁଧବାର ରାତିରେ ଏକ ଦୋକାନ ଉପରକୁ ବୋମାମାଡ଼ ଘଟଣାରେ ଶନିବାର ୩ ଅଭିଯୁକ୍ତଙ୍କୁ କେ.ନୂଆଗାଁ ପୋଲିସ ଗିରଫ କରି ପାତ୍ରପୁର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚିକିଟି ପେଣ୍ଠ ଗ୍ରାମର ଅଜିତ ସେଠୀ, ଲକ୍ଷ୍ମୀପୁର ଛକର ଜିତେନ୍ଦ୍ର ନାଇକ, ପାଟପୁର ଥାନା ବ୍ରାହ୍ମଣପଙ୍କ ଗ୍ରାମର ଶମ୍ଭୁ ସେଠୀ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଯାଇଛି। ପ୍ରକାଶ ଯେ, ଅଭିଯୁକ୍ତମାନେ ଚିକିଟିପେଣ୍ଠର ଏକ ରେଷ୍ଟୁରାଣ୍ଟରେ ମଦ୍ୟପାନ କରି ଝଗଡା ଗ୍ରାମକୁ ଯାଇ କିଶୋର ପ୍ରଧାନଙ୍କ ଦୋକାନକୁ ଯାଇ କିଣିବା ପାଇଁ ଡାକିଥିଲେ। ସେ ନ ଶୁଣିବାରୁ ତାଙ୍କ ଦୋକାନ ଉପରକୁ ବୋମା ଫିଙ୍ଗିଥିଲେ ବୋଲି ବୟାନ ଦେଇଥିବା କେ.ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଏକ ବାଇକ ସହିତ ବୋମା ଜବତ କରାଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

ଶେରଗଡ, ୯।୧୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ନିକଟସ୍ଥ ଏକ ପରିତ୍ୟକ୍ତ ଘର ପାଖରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଉଛନ୍ତି କରଡାକଣା ଗ୍ରାମର ପାଣ୍ଡବ ବିଷୋୟୀ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗତ ୭ ଦିନ ପୂର୍ବରୁ ପାଣ୍ଡବଙ୍କ ସ୍ତ୍ରୀ ସୁବାସିନୀ କୌଣସି କାରଣରୁ ଆତ୍ମହତ୍ୟା କରିଥିଲେ। ଫଳରେ ପାଣ୍ଡବ ମାନସିକ ଅବସାଦରେ ଥିଲେ। ତାଙ୍କର ତିନୋଟି ଛୋଟ ପୁଅ ଅଛନ୍ତି। ପୂର୍ବରୁ ମଧ୍ୟ ପାଣ୍ଡବଙ୍କ ନାମରେ ଥାନାରେ ବିଭିନ୍ନ ମାମଲା ରହିଛି।

### ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଦିଗପହଣ୍ଡି,୯।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର 'ନୂଆ-ଓ', ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଏବଂ ନୋଡାଲ ଅଫିସର ଏ. ଦୁର୍ଯ୍ୟୋଧନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସ ଏବଂ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲା ସଭାପତି ଆଇନଜୀବି ହରପ୍ରସାଦ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ରୋଜାଲିନ୍ ପାତ୍ର ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଅଧ୍ୟାପକ ବିବେକାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିବା ବେଳେ ଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

### ମଧୁରଚୁଆରେ ପଲ୍ଲୀସଭା

ରମ୍ଭା, ୯।୧୨(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ସ୍ଥିତ ଆଦର୍ଶ ଗ୍ରାମ ମଧୁରଚୁଆରେ ପଲ୍ଲୀସଭା ୱାର୍ଡ ମେମ୍ବର ସଂଯୁକ୍ତା ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କମଳକାନ୍ତ ପଣ୍ଡାଙ୍କ ସହ ଜେଇ ପ୍ରଦୀପ ମଲ୍ଲିକ, ଏଇଇ ସୁଶୀଲ କୁମାର ପଣ୍ଡା, ପଞ୍ଚାୟତ ମଙ୍ଗଳ ଅଧିକାରୀ ଗୌତମ ପଟ୍ଟନାୟକ, ସରପଞ୍ଚ ମନୋଜ କୁମାର ବେହେରା, ନାଏବ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ, ନ୍ୟାୟବ ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକ, ସାମାଜିକ କର୍ମୀ ଭୀମସେନ ବେହେରା, ୱାର୍ଡ ମେମ୍ବର ବିଶ୍ୱଜିତ ନାହାକ, ଦୀପିକା ନାହାକ, ରସନା ରାଣୀ ବେହେରା, କାହ୍ନୁ ଚରଣ ନାହାକ, ବିଳାସ କୁମାର ନାହାକ ଉପସ୍ଥିତ ଥିଲେ। ମଧୁରଚୁଆ ଓ ଗୌରାଙ୍ଗ ପାଟଣା ଗ୍ରାମର ଉନ୍ନତି ପାଇଁ ସରକାରଙ୍କ ଅନୁଦାନ ୪୦ ଲକ୍ଷ ଟଙ୍କା ଆସିଥିବା ବେଳେ ରାସ୍ତା, ନାଳ, ଡଷ୍ଟବିନ ଓ ସୋଲାର ଲାଇଟ ପାଇଁ କେତେ ଭାଗ କାହାକୁ ଦିଆଯିବ ତାହା ଏହି ସଭାରେ ନିଷ୍ପତ୍ତି ହୋଇଥିଲା।

# ୨ ଜଣଙ୍କୁ ଉଠାଇନେଲା ମୁମ୍ବାଇ କ୍ରାଇମବ୍ରାଞ୍ଚ ଟିମ୍

## ୧୮୨୦ କେଜି ଗଞ୍ଜେଇ ଜବତ ମାମଲା

ଗୋପାଳପୁର (ନବୀନରାଜ ଆଚାରୀ)/ ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ),୯।୧୨

ମୁମ୍ବାଇ ପୋଲିସ ୨୦୨୧ରେ ଏକ ଟ୍ରକରୁ ୧୮୨୦ ଗଞ୍ଜେଇ ଜବତ କରିଥିଲା। ଏହି ମାମଲାରେ ଫେରାର ଥିବା ୨ଜଣଙ୍କୁ ଶନିବାର ଗୋଳନ୍ଥରା ଥାନା ପୋଲିସ ସହାୟତାରେ ମୁମ୍ବାଇ କ୍ରାଇମବ୍ରାଞ୍ଚର ଆଣ୍ଟି ନାର୍କୋଟିକ୍ ସେଲ୍ ଘାଟକୋପର ୟୁନିଟ ଗିରଫ କରିଛି। ସେମାନେ ହେଲେ କେ.ନୂଆଗାଁ ଥାନା କୁମୁରଡ଼ା ଗ୍ରାମର ଲକ୍ଷ୍ମୀକାନ୍ତ ରାମପ୍ରଧାନ ଓ ବିଦ୍ୟାଧର ପ୍ରଧାନ। ସନ୍ଧ୍ୟାରେ ଉକ୍ତ ଟିମ ଅଭିଯୁକ୍ତଦ୍ୱୟଙ୍କୁ ବ୍ରହ୍ମପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ବିଷ୍ଣୁପ୍ରସାଦ ମିଶ୍ରଙ୍କ କୋର୍ଟରେ ହାଜର କରି ୫ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ସିଜେଏମ୍ ରିମାଣ୍ଡ ମଞ୍ଜୁର କରିବା ପରେ କ୍ରାଇମବ୍ରାଞ୍ଚ ଟିମ ସେମାନଙ୍କୁ ମୁମ୍ବାଇ ନେଇଯାଇଛି।

ଘଟଣାରୁ ପ୍ରକାଶ, ମୁମ୍ବାଇ ଇଷ୍ଟର୍ଣ୍ଣ ଏକ୍ସପ୍ରେସ୍ ହାଇୱେ ଭିଖୋଲି (ଇ)ରେ ଏକ ବଡ ଧରଣର ଗଞ୍ଜେଇ କାରବାର ହେଉଥିବା ୨୦୨୧ ଫେବୃୟାରୀ ୧୨ ତାରିଖରେ ଖବର ମିଳିଥିଲା। କ୍ରାଇମବ୍ରାଞ୍ଚର ଆଣ୍ଟି ନାର୍କୋଟିକ ସେଲ୍ ଟିମ୍ ପହଞ୍ଚି ୧୮୨୦ କେଜି ଗଞ୍ଜେଇ ଭର୍ତ୍ତି ଟ୍ରକ ଜବତ କରିଥିଲା। ସେଠାରୁ ଆକାଶ ସୁବାସ ଯାଦବ ଓ ଦିନେଶ କୁମାର ସରୋଜଙ୍କୁ ଗିରଫ କରିଥିଲା। ଜେରା ବେଳେ ସେମାନେ ଓଡ଼ିଶାର ୨ କିଙ୍ଗପିନ ଏବଂ ଅନ୍ୟମାନଙ୍କ ନାମ ପୋଲିସ ଆଗରେ କହିଥିଲେ। ମାମଲାରେ ୭ଜଣ ଅଭିଯୁକ୍ତ ଫେରାର୍ ଥିବା ବେଳେ ଲକ୍ଷ୍ମୀକାନ୍ତ ଓ ବିଦ୍ୟାଧରଙ୍କ ଉପରେ ନଜର ରଖିଥିଲା ନାର୍କୋଟିକ୍ ଟିମ୍। ଏପରିକି ପୋଲିସ ସେମାନଙ୍କୁ ଫେରାର ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ପରେ ହାଇକୋର୍ଟ ଫେରାର ଥିବା ଦୁଇ କିଙ୍ଗପିନଙ୍କୁ ଖୁବଶୀଘ୍ର ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରିଥିଲା। ଅଭିଯୁକ୍ତଙ୍କ ମୋବାଇଲ୍ ଟ୍ରାକିଂ କରିବାରୁ ସେମାନେ ଗଞ୍ଜାମ ଜିଲାରେ ରହୁଥିବା ଜଣାପଡିଥିଲା। ଆସିଷ୍ଟାଣ୍ଟ ପୋଲିସ ଇନ୍ସପେକ୍ଟର ରାଘବେନ୍ଦ୍ର ଲୋଣ୍ଡେଙ୍କ ନେତୃତ୍ୱରେ ୬ ଜଣିଆ ସ୍ୱତନ୍ତ୍ର ଟିମ୍ ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମଙ୍କୁ ଭେଟିଥିଲେ। ତାଙ୍କରି ନିର୍ଦ୍ଦେଶରେ ଗୋଳନ୍ଥରା ଥାନା ପୋଲିସ ସହାୟତାରେ ମୁମ୍ବାଇରୁ ଆସିଥିବା ନାର୍କୋଟିକ୍ ଟିମ୍ ମିଳିତ ବିଭିନ୍ନ ଗାଁରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ଗିରଫ ଦୁଇ କିଙ୍ଗପିନ୍ ଲକ୍ଷ୍ମୀକାନ୍ତ ଓ ବିଦ୍ୟାଧର ଯୋଗାଯୋଗରେ ଥିବା ଟେକ୍ନିକାଲ ଅନୁସନ୍ଧାନରୁ ନାର୍କୋଟିକ୍ ଜଣାପଡିଛି। ଏହାର ପ୍ରମାଣ ମଧ୍ୟ ସେମାନେ କୋର୍ଟରେ ଦାଖଲ କରିଛନ୍ତି। ପୂର୍ବରୁ ଗିରଫ ହୋଇଥିବା ଦିନେଶ ସରୋଜ କିଛି ଟଙ୍କା ଲକ୍ଷ୍ମୀକାନ୍ତ ପ୍ରଧାନଙ୍କୁ ଦେଇଛନ୍ତି। ଯାହାର ତଥ୍ୟ ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟରେ ତଦନ୍ତକାରୀ ଟିମ ଜାଣିବାକୁ ପାଇଛି।

# ଜ୍ଞାନ ବିଜ୍ଞାନ ମେଳା



ପ୍ରକଳ୍ପ ବୁଲି ଦେଖୁଛନ୍ତି ଅତିଥି।

ଚିକିଟି,୯।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ସୁନାପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲକ୍ଷ୍ମୀଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଶିଶୁ ମନ୍ଦିରର ସଭାପତି ଧନଞ୍ଜୟ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତମୋହନ ବେହେରା, ସୁନାପୁର କ୍ଲଷ୍ଟର ସିଆରସିସି ମଞ୍ଜନ କୁମାର ବେହେରା, ଶିକ୍ଷକ ଦେବହରି ବେହେରା, ତ୍ରିନାଥ ବେହେରା, ହରି ବେହେରା, କ୍ରୀଡ଼ା ଶିକ୍ଷକ କେ.ଚନ୍ଦ୍ରେୟା ଯୋଗ ଦେଇ ଶିଶୁମାନଙ୍କ ପ୍ରକଳ୍ପ ଗୁଡ଼ିକ ଦେଖିଥିଲେ। ବିଚାରକ ଭାବେ କାଶୀ ବିଶ୍ୱନାଥ ବିଦ୍ୟାପିଠର ବିଜ୍ଞାନ ଶିକ୍ଷକ ଏମ.ତ୍ରିନାଥ ପାତ୍ର ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କରୁଣାକର ବେହେରା ଯୋଗ ଦେଇଥିଲେ। କୃତୀମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।

# କହ୍ନେଇପୁର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ



ଶତବାର୍ଷିକ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଖଲ୍ଲିକୋଟ,୯।୧୨(ପ୍ରଶାନ୍ତ କୁମାର ମିଶ୍ର):

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କହ୍ନେଇପୁର ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ କହ୍ନେଇପୁରଠାରେ ଦୁଇ ଦିନ ବ୍ୟାପି ଶତବାର୍ଷିକ ଉତ୍ସବ ପାଳିତ ହେଉଛି। ଶନିବାର ପ୍ରଥମ ଦିନରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି, ପ୍ରାଧାପିକା ଓ ଜଗନ୍ନାଥ ସଂସ୍କୃତି ଗବେଷିକା ପ୍ରତିଭା ମହାରଥୀ ମୁଖ୍ୟବକ୍ତା, ଖଲ୍ଲିକୋଟ ବ୍ଲକ ବିଡିଓ ଦେବାଶିଷ ସାମଲ ସମ୍ମାନିତ ଅତିଥି ଏବଂ ଭିକାରୀ ଚରଣ ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା, ସରପଞ୍ଚ ପ୍ରକାଶ ଚନ୍ଦ୍ର ସାସମଲ, ସମିତି ସଭ୍ୟ ଶିବାନୀ ସାହୁ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଶମହାରଥୀଙ୍କ ଓଜସ୍ୱିନୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ତଥା ସେହି ବିଦ୍ୟାଳୟରେ ଶିକ୍ଷକତା କରି ଅବସର ନେଇଥିବା ଶିକ୍ଷକ ନିତ୍ୟାନନ୍ଦ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର ସଂଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଛାତ୍ର ଏହାର ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ନିରଂଜନ ସେଠି, ଶିକ୍ଷକ ଜ୍ୟୋତିକୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୯୧ ମାମଲା ଫଇସଲା

ଆସିକା,୯।୧୨(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଚାର ବିଭାଗୀୟ ଅଦାଲତ ପରିସରରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୧ଟି ମାମଲାର ଫଇସଲା କରାଯାଇ ୧କୋଟି ୧୫ ଲକ୍ଷ ୫ହଜାର ୧୯୩ ଟଙ୍କା ଆଦାୟ କରାଯାଇଛି। ଫଇସଲା ହୋଇଥିବା ମାମଲା ମଧ୍ୟରେ ମୋଟରଯାନ ଦୁର୍ଘଟଣା, ଦେୱାନୀ ମାମଲା, ବ୍ୟାଙ୍କ ଋଣ ଦେଣନେଣ ଓ ଦୁଇଟି ଚେକ ଦେଣନେଣ ମାମଲା ରହିଛି। ଏହାଛଡା ଅଦାଲତରେ ୪୯ଟି ଫୌଜଦାରୀ ମାମଲା ମଧ୍ୟ ବିଚାର କରାଯାଇଥିଲା। ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନୀ ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଝିଲିଲିନା ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା, ଶ୍ୱେତା ଦାଶ, ଆଇନସେବା ପ୍ରାଧୀକରଣର ସଦସ୍ୟ ଇ. ଅନନ୍ତ ଶୟନମ, ରଶ୍ମିତା ସେନାପତି ପ୍ରମୁଖ ମାମଲାର ବିଚାର କରିଥିଲେ।

# ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ମିଳନୀ

ବେଲଗୁଣ୍ଠା,୯।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗୋବରାସ୍ଥିତ ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକର ୫-ଟିରେ ରୂପାନ୍ତରିତ ବ୍ଲକର ୨୪ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତୃତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୋ ସ୍କୁଲ୍ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜିକା ଗଜଲ୍ ସୋରେନ୍ ପରିଦର୍ଶନ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ସ୍କୁଲ୍ କ୍ଲବ୍ ଗଠନ, ହାଉସ୍ ସିଷ୍ଟମ୍, ୟୁନିଫର୍ମ ବିତରଣ, ରାଜ୍ୟ ମୁକ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସ୍ଥିତି, ଷାଣ୍ମାସିକ ପରୀକ୍ଷାରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ତଥ୍ୟ ଓ କାରଣ, ଡ଼ିଜିଟାଲ ପାଠାଗାର ଓ ପୁସ୍ତକ, ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ମାଟ୍ରିକ୍ ପରୀକ୍ଷାରେ ଯେଭଳି ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ରେଜଲ୍ଟ ହେବ ସେ ଉପରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ଆଲୋଚନା ହୋଇଥିଲା। ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବି ନାରାୟଣ ଗୌଡ଼ ଓ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ରବି ନାରାୟଣ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲିଉଡ୍‌ରେ ଦାରିଙ୍ଗବାଡ଼ିର ଯୁବକ ବରୁଣ

ଦାରିଙ୍ଗବାଡ଼ି ,୯ ।୧୨(ଅରୁଣ ସାହୁ):



କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିର ବରୁଣ ବିଶୋଇ ଏବେ ବଲିଉଡ଼ର ଜଣେ କଳାକାର। ସ୍ଥାନୀୟ ମିଡଟାଉନ ହୋଟେଲ ସଭାଗୃହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଓ ତାଙ୍କ ସହଯୋଗୀ ଶିବ ଶମ୍ଭୁ ଦିଗାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବରୁଣ କହିଥିଲେ ଯେ, କଠିନ ପରିଶ୍ରମ ଦ୍ୱାରା ବଲିଉଡ଼ର ପ୍ରାୟ ୯୦ ପ୍ରତିଶତ ଚଳଚ୍ଚିତ୍ରରେ ସେ ଫଲି ରେକଡିଷ୍ଟ କାର୍ଯ୍ୟ କରି ନାମ କମାଇଛନ୍ତି। ଓଡ଼ିଆ ଚଳଚ୍ଚିତ୍ର 'ଦମନ' ଏବଂ 'ଗଦର-୨' ରେ ସେ କାମ କରିଛନ୍ତି। ୧୯୯୬ରେ ଅଷ୍ଟମ ଶ୍ରେଣୀ ପଢୁଥିବା ବେଳେ ତାଙ୍କ ପିତା ଶ୍ରୀବତ୍ସ ମାଳବିଶୋଇଙ୍କ ମୃତ୍ୟୁ ହେଲା। ପିତାଙ୍କ ଠାରୁ ଶିଖିଥିବା ଦରଜି କାମ କରି ପରିବାର ପୋଷୁଥିଲେ। ଧାରକରଜ କରି ସେ ମୁମ୍ବାଇ ଚାଲିଯାଇଥିଲେ। ୨୦୦୨ ଜାନୁଆରୀ ପହିଲାରେ ବମ୍ବେ ନଟରାଜ ଷ୍ଟୁଡିଓରେ ଜଣେ ରାତ୍ରିଜଗୁଆଳି ତାଙ୍କୁ ସେଠାରେ କ୍ୟାଣ୍ଟିନ ବୟ କାର୍ଯ୍ୟରେ ନିଯୁକ୍ତ କରାଇଥିଲେ। ସେଠି ସେହି କାର୍ଯ୍ୟ କରିବା ମଧ୍ୟରେ ସେ ଫଲି ରେକର୍ଡ କାର୍ଯ୍ୟ ଶିଖି ପରେ ଆରାଧନା ଷ୍ଟୁଡିଓରେ କାମ କଲେ। 'ଦମନ'ର ସଫଳତା ପରେ 'ଗଦର-୨' ଚଳଚ୍ଚିତ୍ରରେ ଫଲି କଳାକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଶିବଶମ୍ଭୁ ହକର କାମ କରୁଥିବା ବେଳେ ୨୦୨୧ରେ ବରୁଣ ତାଙ୍କୁ ମୁମ୍ବାଇ ନେଇ ଫଲି କଳାକାର କରାଇଥିଲେ।

## ଫୁଲବାଣୀରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଫୁଲବାଣୀ,୯।୧୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାକ ମକଦ୍ଦମା ମାମଲାରୁ ୧୧୧ ଅର୍ଥ ଅସୁଲି ମାମଲା ବିଚାର କରାଯାଇ ୬୩ ଲକ୍ଷ ୫୨ ହଜାର ୬୧ ଟଙ୍କା, ୨୪ଟି ବିଏସଏନଏଲ. ମାମଲା ବିଚାର କରାଯାଇ ୫୭ ହଜାର ୩୨୦ ଟଙ୍କା ଆଦାୟ କରାଯାଇଛି। ସେହିପରି ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୪ ଅର୍ଥ ଅସୁଲି ମାମଲାର ବିଚାର କରାଯାଇ ୧ ଲକ୍ଷ ଟଙ୍କା ଆଦାୟ କରାଯାଇଥିବାବେଳେ, ୨ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୯ ଲକ୍ଷ ୭୫ ହଜାର ଟଙ୍କା ଆଦାୟ କରାଯାଇଛି। ୧୩ ବୈବାହିକ ବିବାଦ ଫଇସଲା କରାଯାଇ ୧ ଲକ୍ଷ ୩୩ ହଜାର ୪୦୦ ଟଙ୍କା ଆଦାୟ କରାଯାଇଛି। ଜିଲା ଦୌରା ଜଜ ସତ୍ୟପିର ମିଶ୍ର, ପାରିବାରିକ ଅଦାଲତ ବିଚାରପତି ଦେବଦତ୍ତ ଦାସ, ଅତିରିକ୍ତ ଜିଲା ଜଜ୍ ସୈକତ୍ ପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୌମ୍ୟ ସୁଭଦର୍ଶିନୀ, ସହକାରୀ ସେସନ ଜଜ୍ ବିଶ୍ୱକଲ୍ୟାଣୀ ମିଶ୍ର, ପ୍ରଧାନ ମାଜିଷ୍ଟ୍ରେଟ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିତିଶା ଚନ୍ଦକ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅନୁଶିଲା ରୟ , ଏସ୍‌ଡିଜେଏମ, ଅରିଜିତ୍ ଦାସ, ଜେଏମଏଫସି, ସୁଶ୍ରୀ ସୌମ୍ୟାଶ୍ରୀ ମହାପାତ୍ର ଏବଂ ସୁଶ୍ରୀ ସ୍ୱାଗତିକା ସୱାଇଁ ପ୍ରମୁଖ ମାମଲାର ଶୁଣାଣି କରିଥିଲେ।

# କୋଦଳାରେ ରାଷ୍ଟ୍ରୀୟ ଲୋକ ଅଦାଲତ

କୋଦଳା,୯।୧୨(ଅମିତ କୁମାର ପଟ୍ଟନାୟକ)

କୋଦଳା ତାଲୁକା ଆଇନ ସହାୟତା କମିଟି ଆନୁକୂଲ୍ୟରେ ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କୋଦଳା ଅତିରିକ୍ତ ଜିଲାଜଜ୍ ଚିନ୍ମୟ ଗଛାୟତଙ୍କ ଉପସ୍ଥିତିରେ ସବଜଜ୍ ବନାଳି ତ୍ରିପାଠୀ ଏବଂ ପ୍ରଥମଶ୍ରେଣୀ ବିଚାରପତି ବିମଳା ଲକ୍ଷ୍ମୀ ଚୌଧୁରୀ ବହୁ ମାମଲା ଫଇସଲା କରିଥିଲେ। ବୈବାହିକ ଏବଂ ଜମିଜମା ମାମଲା ରାଜିନାମା ହେବା ସହ କୋଦଳା ଷ୍ଟେଟ ବ୍ୟାଙ୍କ କ୍ଷେତ୍ର ଅଧିକାରୀ ଆଶୁତୋଷ ସେନାପତି, କୋଦଳା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ପଣ୍ଡିତ, ବେରୁଆଁବାଡ଼ି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଚିତ୍ତରଞ୍ଜନ ମଲିକ ବ୍ୟାଙ୍କ ମାମଲାର ସମାଧାନ କରିଥିଲେ। ତାଲୁକା କମିଟି ସଦସ୍ୟ ସୁବାଷ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ତାରିଣୀ ଚରଣ ପଟ୍ଟନାୟକ, ନୀଳାଞ୍ଚଳ ପଲାଇ, ପ୍ରଫୁଲ୍ଲ କୁମାର ମିଶ୍ର, ଭଗବାନ ହୋତା, ହରପ୍ରସାଦ ସାହୁ, ସୋମନାଥ ବେହେରା, ଭାଗିରଥି ନାୟକ, ମାନସ କୁମାର ମିଶ୍ର, ଦିଲୀପ କୁମାର ସାହୁ ପ୍ରମୁଖ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

# ଏସ୍‌କେସିଜି କଲେଜ ପରିଦର୍ଶନକଲେ ବିଜୟ ପଟ୍ଟନାୟକ

ପାରଳାଖେମୁଣ୍ଡି, ୯।୧୨ (ଗିରିଧାରୀ ପରିଛା):



ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ। ୧୮୯୬ରେ ପ୍ରତିଷ୍ଠା ହୋଇଥିବା ଏହି ଐତିହାସିକ ପୁରାତନ ମହାବିଦ୍ୟାଳୟ ଓଡ଼ିଶାର ଏକ ପୁରାତନ ଶିକ୍ଷା ଅନୁଷ୍ଠାନ ରୂପେ ପରିଚିତ। ଏହି ମହାବିଦ୍ୟାଳୟରେ ୧୩ଟି ସ୍ନାତକୋତ୍ତର ଏବଂ ୧୫ଟି ସ୍ନାତକ ବିଭାଗ ସହ ଏକ ବିଶ୍ୱବିଦ୍ୟାଳୟରେ ପରିଣତ ହେବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ରହିଛି। ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଅନେକ ଦିନରୁ ଦାବି ହୋଇଆସୁଛି। ତେଣୁ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ କିପରି ବ୍ୟବସ୍ଥା ହୋଇପାରିବ ସେହି ପ୍ରସଙ୍ଗରେ ସହ ଅଧ୍ୟକ୍ଷ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ସହ ପ୍ରଚର କମିଟି ଅଧ୍ୟକ୍ଷ ପଟ୍ଟନାୟକ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ସୁବିଧା ଅସୁବିଧା ବିଷୟରେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନାକରିଥିଲେ।

# ଡିଲର ସଂଘର ବିକ୍ଷୋଭ

କବିସୂର୍ଯ୍ୟନଗର,୯।୧୨(କୃପାସିନ୍ଧୁ ସ୍ୱାଇଁ):

କବିସୂର୍ଯ୍ୟନଗର ଡିଲର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ୯ ନଂ. ୱାର୍ଡ ଦେଶୀବେହେରା ସାହିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖୁଚୁରା ସରକାରୀ ବିକ୍ରେତାମାନେ ବକେୟା ଦରମା, ପାରିଶ୍ରମିକ ରାଶି ବୃଦ୍ଧି, ସ୍ୱାସ୍ଥ୍ୟବୀମା କାର୍ଡ ଦାବି ନେଇ ଗତ ୧ ତାରିଖରୁ କଳାବ୍ୟାଜ ପରିଧାନ ପୂର୍ବକ ଆନ୍ଦୋଳନ ଚଳାଇଛନ୍ତି। ଏମାନେ ପିଏମ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛ ଓ ନିଷ୍ପାପର ଭାବେ କାର୍ଯ୍ୟ ସମ୍ପାଦିତ କରି ପ୍ରଶଂସିତ ହୋଇଥିଲେ ଦାବି ପୂରଣ କରାଯାଉନି। ଦାବି ପୂରଣ ନ ହେଲେ ଆସନ୍ତା ଜାନୁୟାରୀ ୧ତାରିଖରୁ ଖାଉଟି ସାମଗ୍ରୀ ବଣ୍ଟନ ବନ୍ଦ ଓ ୧୬ ତାରିଖରେ ଦିଲ୍ଲୀ ରାମଲୀଳା ମୈଦାନରେ ସମସ୍ତ ୫ଲକ୍ଷରୁ ଉର୍ଦ୍ଧ୍ୱ ଖୁଚୁରା ବିକ୍ରେତା ସଂସଦ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଥିବା ସଂଘ ସୂଚନା ଦେଇଛି। ବିକ୍ଷୋଭରେ ଖୁଚୁରା ବିକ୍ରେତା ଜଗେଶ୍ୱର ପଲତା, ପ୍ରମୋଦ ଚନ୍ଦ୍ର ସାମନ୍ତରା, ନନ୍ଦ କିଶୋର ବିଷୋୟୀ, ଭି. ଉମାମାହେଶ୍ୱରୀ, ବବିତା ଜେନା, କୁସୁମ ଦାସ ଓ ରାମହରୀ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମୁଣ୍ଡି, ୯।୧୨(ଗିରିଧାରୀ ପରିଛା)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଚତୁର୍ଥ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ତଥା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ କୋର୍ଟ କାର୍ଯ୍ୟ ତଦାରଖ କରିବା ସଙ୍ଗେ ସଙ୍ଗେ ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଧିକରଣ ସଚିବ ରବି ନାରାୟଣ ବେହେରା ସହଯୋଗ କରିଥିଲେ। ପରିବାର ଅଦାଲତ ଜଜ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ ପ୍ରଦୀପ କୁମାର ସାମଲ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, ସବ୍‌ଜଜ ସନ୍ତୋଷ କୁମାର ଅଗ୍ରୱାଲ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ । ସେହିପରି ଭାବେ ଆର.ଉଦୟଗିରୀ କୋର୍ଟ ଠାରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତ ରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ କୁମାର ସେଠି, ମୋହନା କୋର୍ଟ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରି ଶୁଭଜିତ ବେହେରା ଓ କାଶିନଗର ଗ୍ରାମ୍ୟ ନ୍ୟାୟଳୟ ର ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରିଣୀ ଅଙ୍କିତା ଗୁରୁ ପ୍ରମୁଖ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲା କୋର୍ଟ ଓକିଲ ସଂଘ ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ବରିଷ୍ଠ ଓକିଲ ଉପସ୍ଥିତ ରହି ମୋକଦ୍ଦମା ପରିଚାଳନା କରିଥିଲେ। ସମୁଦାୟ ୯୫୧ଟି ମାମଲା ବିଚାରକୁ ନିଆଯାଇ ୧୩୮ଟି ସମାଧାନ କରାଯାଇ ୨୫୨୪୫୯୫ ଟଙ୍କା ଜରିମାନା ଆଦାୟ କରଯାଇଥିଲା। ୮୦ ଟି ବ୍ୟାଙ୍କ ମାମଲା ସମାଧାନ ହୋଇ ୧୦୫୫୭୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା।

# ଜାନୁୟାରୀ ୧୧ରୁ ଦାରିଙ୍ଗବାଡ଼ି ଶୀତ ମହୋତ୍ସବ

ଦାରିଙ୍ଗବାଡି, ୯।୧୨(ଅରୁଣ ସାହୁ)



ଶୀତ ମହୋତ୍ସବ ପ୍ରସ୍ତୁତି ବୈଠକରେ ବିଭିନ୍ନ ପଦାଧିକାରୀ।

ଦାରିଙ୍ଗବାଡ଼ିଠାରେ ଶୀତ ମହୋତ୍ସବ-୨୦୨୪ ପାଇଁ ଶନିବାର ପଞ୍ଚାୟତ ସମିତିର ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୀତ ମହୋତ୍ସବ ପାଳନ କମିଟିର ସଭାପତି ତଥା ବିଧାନସଭାର ଉପ-ବାଚସ୍ପତି ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ର ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର କର୍ମକର୍ତ୍ତା ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ତହସିଲଦାର ଶରତ ଶବର, ସବଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରା, ତକ୍ରାଳ ବ୍ଲକ ଅଧ୍ୟକ୍ଷା ତଥା ସ୍ୱତନ୍ତ୍ର ଉନ୍ନୟନ ସଦସ୍ୟା ରଞ୍ଜିତା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ସଦସ୍ୟ ରମାକାନ୍ତ ମାଝୀ, ସିମନବାଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଉପବାଚସ୍ପତିଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କ ନେତୃତ୍ୱରେ ଏହି ମହୋତ୍ସବ ପାଳନ କରାଯିବ। ସେହିପରି ଶୀତ ମହୋତ୍ସବକୁ ରାଜ୍ୟସ୍ତରୀୟ ପାଳନ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା ଏବଂ ରାଜ୍ୟସ୍ତରୀୟ ପାଳନ ପାଇଁ ରାଜ୍ୟ ସରକାରଙ୍କୁ ଜଣାଯାଇଥିବା ଉପବାଚସ୍ପତି କହିଥିଲେ। ଚଳିତ ଥର ଆସନ୍ତା ଜାନୁଆରୀ ୯ ଏବଂ ୧୦ ଜନଜାତି ମହୋତ୍ସବ ଏବଂ ୧୧ରୁ ୧୩ ପର୍ଯ୍ୟନ୍ତ ୩ ଦିନ ଧରି ଶୀତ ମହୋତ୍ସବ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ଥର ବିଭିନ୍ନ ଷ୍ଟଲ ବିଶେଷ କରି ପାରମ୍ପରିକ ସାମଗ୍ରୀ, ଖାଦ୍ୟପେୟ ଷ୍ଟଲ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ଷ୍ଟଲ ପକାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଙ୍ଘ ତଥା ମହୋତ୍ସବ କମିଟିର ସଦସ୍ୟ ପତିତପାବନ ରାଉତ, ରମେଶ ଚନ୍ଦ୍ର ସାହୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ଲୋକପ୍ରତିନିଧିମାନେ ଯୋଗଦାନ କରିଥିଲେ। ଶେଷରେ ବିଦେଶୀ ନାୟକ ଧନ୍ୟବାଦ ଜଣାଇଥିଲେ।

